# Akashvani, Sambalpur

## SAMBALPURI NEWS BULLETIN

### 13 October 2025 – 6.47- 6.52 am.

*****************************************************

ବିକଶିତ ଭାରତ୍ ବିଲ୍ଡାଥନ୍-୨୦୨୫ ଆର୍‌ଏନ୍‌ୟୁ/ ସମ୍ବଲପୁର

ଦେଶର୍ ଛାତ୍ରଛାତ୍ରୀକର୍ ଭିତ୍‌ରେ ସୃଜନଶକ୍ତି ବଢ଼ାବାର୍ ଲକ୍ଷ୍ୟଥି ବିକଶିତ ଭାରତ୍ ବିଲ୍ଡାଥନ୍-୨୦୨୫ ଆଏଜ୍‌ନୁ ସବୁ ବିଦ୍ୟାଳୟମାନ୍‌କେ ମୁଲ୍ ହେଉଛେ । ଶିକ୍ଷା ମନ୍ତ୍ରଣାଳୟର୍ ସ୍କୁଲ୍ ଶିକ୍ଷା ଆଉ ସ୍ୱାକ୍ଷରତା ବିଭାଗ୍ ତର୍‌ଫୁ ଅଟଲ୍ ଇନୋଭେସନ୍ ମିଶନ୍, ନୀତି ଆୟୋଗ୍ ଆଉ ଏଆଇସିଟିଇ ସହଯୋଗ୍‌ଥି ଇ କାର୍ଯ୍ୟକ୍ରମ୍‌ର ଆୟୋଜନ୍ କରାଯାଉଛେ । ଇଥି ୬ ନୁ ୧୨ ଶ୍ରେଣୀତକ୍ ୧ କୋଟିତକ୍ ଛାତ୍ରଛାତ୍ରୀ ଜୁଡ଼ି ହେଇକରି ଭୋକାଲ୍ ଫର୍ ଲୋକାଲ୍, ଆତ୍ମନିର୍ଭର୍ ଭାରତ୍, ସ୍ୱଦେଶ ଆଉ ସମୃଦ୍ଧି ବାଗିର୍ ୪ ଟା ବିଷୟବସ୍ତୁ ଉପ୍‌ରେ ନୂଆଁ ନୂଆଁ ଚିନ୍ତାଧାରା ସହେତେ ମୋଡ଼େଲ୍ ବନାବେ । ଜାତୀୟସ୍ତର୍‌ଥି ସବୁନୁ ଭଲ୍ ୧୦, ରାଜ୍ୟସ୍ତର୍‌ଥି ଶହେ ଆଉ ଜିଲ୍ଲାସ୍ତର୍‌ଥି ହଜାରେ ଝନ୍ ପ୍ରତିଯୋଗୀଙ୍କୁ ପୁରସ୍କୃତ୍ କରାଯିବା । ବିଲ୍ଡାଥନ୍ କାର୍ଯ୍ୟକ୍ରମ୍ ଦେଶେ ନୂଆଁ ଚିନ୍ତାଧାରାକେ ତହଁକାବା ଆଉ ନୂଆଁ ପିଢ଼ିକେ ଉନ୍ନତ୍, ବିକଶିତ୍ ଆଉ ଆତ୍ମନିର୍ଭର ଭାରତ୍ ଗଢ଼୍‌ବାର୍ ଦିଗେ ମୁଖିଆ ଭୂମିକା ନେବାର୍ ଲାଗି ତୟାର୍

କର୍‌ବା । କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ୍ ନୂଆଦିଲ୍ଲୀ ଠାନେ ଗଲା ସେପ୍ଟେମ୍ବର୍ ୨୩ ତାରିଖ୍ କାର୍ଯ୍ୟକ୍ରମ୍‌ର ଶୁଭାରମ୍ଭ କରିଥିଲେ ।

ପିଏମ୍ ଗତିଶକ୍ତି ଆର୍‌ଏନ୍‌ୟୁ ସମ୍ବଲପୁର୍

ବହୁମୁଖୀ ଯୋଗାଯୋଗ ବ୍ୟବସ୍ଥା ଲାଗି ପିଏମ୍ ଗତିଶକ୍ତି - ଜାତୀୟ ମାଷ୍ଟର୍ ପ୍ଲାନ୍ କେ ଆଏଜ୍ ୪ ବଛର୍ ପୁରିଛେ । ପ୍ରଧାନ୍‌ମନ୍ତ୍ରୀ ନରେନ୍ଦ୍ର ମୋଦୀ ୨୦୨୧ ଅକ୍ଟୋବର୍ ୧୩ ତାରିଖ୍ ଦିନ ଇ ବ୍ୟବସ୍ଥାର୍ ଶୁଭାରମ୍ଭ କରିଥିଲେ । ପିଏମ୍ ଗତିଶକ୍ତି ଅଧୀନ୍‌ଥି ରେଲ୍, ସଡ଼କ୍ ଆର୍ ରାଜପଥ, ପେଟ୍ରୋଲିୟମ୍ ଆର୍ ଗ୍ୟାସ୍, ବିଦ୍ୟୁତ୍, ଟେଲି ଯୋଗାଯୋଗ, ପରିବହନ, ବିମାନ୍‌ଚଲାଚଲ୍ ବିଭାଗ୍ ସହେତେ କେନ୍ଦ୍ର ସର୍‌କାର୍‌ଙ୍କର୍ ୧୬ ଟା ବିଭାଗ୍‌କେ ସାମିଲ୍ କରାଯାଇଛେ । ଭାରତ୍‌ର ବିକାଶ୍ ଲାଗି ମୌଳିକ୍ ଢାଂଚାର୍ ବିକାଶ୍ ସାଙ୍ଗେ ଯୁଡ଼ି ହେଇଥିବା ସବୁ ବିଭାଗ୍ ଏକଠନିଆ ହେଇକରି ଶକ୍ତିର୍ ଆଦାନ୍ ପ୍ରଦାନ୍ କରିପାରୁଛନ୍ । ସେନ୍ତା ଗତିଶକ୍ତି ବହୁମୁଖୀ ଯୋଗାଯୋଗ ଜରିଆଥି ଇ ମାଷ୍ଟର୍ ପ୍ଲାନ୍ ଯୁଆନ୍‌ବର୍ଗ ଆର୍ ଆଏବା ପିଢ଼ି ଲାଗି ନିଯୁକ୍ତି ସୁଯୋଗ୍ ଯୁଗେଇ ଦେଇଛେ ।

ବାର୍ଷିକ ଟେରାକୋଟା ପ୍ରଦର୍ଶନୀ କାର୍ଯ୍ୟକ୍ରମ୍/ ଆର୍‌ଏନ୍‌ୟୁ/ ସମ୍ବଲପୁର

ଭୁବ୍‌ନେଶ୍ୱର୍ ଇଡ୍‌କୋ ପ୍ରଦର୍ଶନୀ ପଡ଼ିଆଠାନେ ହସ୍ତତନ୍ତ ଆଉ ବୟନ ଶିଳ୍ପ ବିଭାଗ୍ ତର୍‌ଫୁ ବାର୍ଷିକ ଟେରାକୋଟା ପ୍ରଦର୍ଶନୀ କାର୍ଯ୍ୟକ୍ରମ୍ ମୃତିକା-୨୦୨୫ ଆଏଜ୍‌ଠାନୁ ମୁଲ୍ ହେବା । ବିଭାଗୀୟ ମନ୍ତ୍ରୀ ପ୍ରଦୀପ ବଳସାମନ୍ତ ମୁଖ୍ୟଅତିଥି ଭାବେ ଯୋଗ୍ ଦେଇକରି କାର୍ଯ୍ୟକ୍ରମ୍‌ର ଶୁଭାରମ୍ଭ କର୍‌ବେ । ଆଏବା ୧୯ ତାରିଖ୍‌ତକ୍ ହେବାର୍‌କେ ଥିବା କାର୍ଯ୍ୟକ୍ରମ୍‌ଥି ଭିନ୍ ଭିନ୍ ଘର୍‌ସଜା ଦରବ୍, ଫିଂ' ଦିନିଆ ବେଭାର୍ ହେଉଥିବା ଟେରାକୋଟା ଦରବ୍‌ର ପ୍ରଦର୍ଶନ୍ ସହେତେ ସାଂସ୍କୃତିକ କାର୍ଯ୍ୟକ୍ରମ୍‌ମାନ୍ ଭିଲ୍ ହେବା ବଲି ବିଭାଗ୍ ତର୍‌ଫୁ କୁହାଯାଇଛେ ।

ସ୍ୱାଧୀନତା ସଂଗ୍ରାମୀ- ଯୋଜ୍‌ନା ଆର୍‌ଏନ୍‌ୟୁ/ ସମ୍ବଲପୁର

ଭାରତୀୟ ସ୍ୱାଧୀନତା ସଂଗ୍ରାମ୍ ଇତିହାସ୍‌ଥି ଚିହ୍ନା ନାଇଁ ପାଇଥିବା ସ୍ୱାଧୀନତା ସଂଗ୍ରାମୀ ମାନ୍‌କର୍ ପରିବାର୍ ଲାଗି ରାଜ୍ୟ ସର୍‌କାର୍ ସଚେତନ୍ ଅଛନ୍ ଆଉ ସେମାନ୍‌କୁ ଭିନ୍ ଭିନ୍ ଯୋଜ୍‌ନାଥି ସାମିଲ୍ କରାଯିବା ବଲି ବିଦ୍ୟାଳୟ ଆଉ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ କହିଛନ୍ । ନବରଙ୍ଗ୍‌ପୁର୍ ଜିଲ୍ଲା ଉମର୍‌କୋଟ୍ ବ୍ଲକ୍ ଗସ୍ତ ଅବ୍‌ସରେ ଗଲାକାଏଲ୍ ବାଟିବେଡ଼ା ଗାଁ ନ ଆଘର୍ ମନ୍ତ୍ରୀ ଆଉ ସ୍ୱାଧୀନତା ସଂଗ୍ରାମୀ

ରବି ସିଂ ମାଝୀଙ୍କର୍ ଶହେ ୩ ତମ ଜୟନ୍ତୀ ପାଲନ୍ କାର୍ଯ୍ୟକ୍ରମ୍ଥି ଯୋଗ୍ ଦେଇକରି ଶ୍ରୀ ଗଣ୍ଡ ଇଟା କହିଛନ୍ ।

ଯୁକ୍ତ ଦୁଇ ପରୀକ୍ଷା          ଆର୍ଏନ୍ୟୁ/ ସମ୍ବଲପୁର

୨୦୨୬ ଥି ହେବାର୍କେ ଥିବା ଯୁକ୍ତ ଦୁଇ ପରୀକ୍ଷା ଲାଗି ଆଏଜ୍ଠାନୁ ଏକ୍ସ ରେଗୁଲାର୍ ଛାତ୍ରଛାତ୍ରୀମାନ୍କର୍ ଆବେଦନ୍ ପ୍ରକ୍ରିୟା ମୁଲ୍ ହେବା । କଳା, ବିଜ୍ଞାନ୍, ବାଣିଜ୍ୟ ଆଉ ଧନ୍ଦାମୂଳକ୍ ପାଠ୍ୟକ୍ରମ୍ର ଏକ୍ସ ରେଗୁଲାର୍ ଛାତ୍ରଛାତ୍ରୀମାନେ ଆଏଜ୍ଠାନୁ ୨୫ ତାରିଖ୍ ଭିତ୍ରେ ଫର୍ମ ଭର୍ବାର୍ ସହେତେ ୧୪ ନୁ ୨୭ ତାରିଖ୍ ଭିତ୍ରେ ଫିସ୍ ଦାଖଲ୍ କରିପାର୍ବେ । ସେନ୍ତା ନଭେମ୍ବର୍ ୧୦ ନୁ ୧୪ ତାରିଖ୍ ଭିତ୍ରେ ୨ ଶହ ଟଙ୍କା ଆଉ ନଭେମ୍ବର୍ ୧୭ ନୁ ୧୯ ଭିତ୍ରେ ୬ ଶହ ଟଙ୍କା ଜରିମାନା ଦେଇକରି ଫର୍ମ ପୂରଣ୍ କରିହେବା । ସେଆଡ଼େ ଆଏବା ୨୦ ତାରିଖ୍ନୁ ରେଗୁଲାର୍ ଛାତ୍ରଛାତ୍ରୀମାନ୍କର୍ ଆବେଦନ୍ ପ୍ରକ୍ରିୟା ମୁଲ୍ ହେବା ବଲି ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ୍ ତର୍ଫୁ ବିଜ୍ଞପ୍ତି ବାହାରିଛେ ।

ତମାଖୁ ମୁକ୍ତ ଯୁବ ଅଭିଯାନ୍          ଆର୍ଏନ୍ୟୁ/ କଟକ୍

ସାରାଦେଶେ ତମାଖୁ ମୁକ୍ତ ଶିକ୍ଷା ପରିବେଶ୍ ଗଢ୍‌ବାର୍ ଆଉ ଛାତ୍ରଛାତ୍ରୀମାନ୍‌କର୍ ଶାରୀରିକ୍ ଆଉ ମାନସିକ୍ ସୁସ୍ଥତାକେ ନଜର୍‌ଥି ରଖିକରି ତମାଖୁ ମୁକ୍ତ ଯୁବ ଅଭିଯାନ୍‌ର ୩ ନମ୍ବର୍ ଖେପ୍ ମୁଲ୍ କରାଯାଇଛେ । ଶିକ୍ଷା ଆର୍ ସ୍ୱାସ୍ଥ୍ୟ ଆଉ ପରିବାର୍ କଲ୍ୟାଣ୍ ମନ୍ତ୍ରଣାଳୟର୍ ମିଲିତ୍ ସହଯୋଗ୍‌ଥି ଗଲା ୯ ତାରିଖ୍‌ନୁ ମୁଲ୍ ହେଇଥିବା ଇ ଅଭିଯାନ୍ ୬୦ ଦିନ୍‌ତକ୍ ଚାଲ୍‌ବା । ଯୁଆନ୍ ପିଢ଼ିକେ ତମାଖୁ ବେଭାର୍ କର୍‌ବାର୍‌ନୁ ରୁକ୍‌ବାର୍ ଲାଗି ସଚେତନ୍ କର୍‌ବାର୍ ଆଉ ସ୍କୁଲ୍ ଆଉ ଉଚ୍ଚଶିକ୍ଷା ଅନୁଷ୍ଠାନ୍ ମାନ୍‌କେ ସ୍ୱାସ୍ଥ୍ୟ ଆଉ ସୁସ୍ଥତାର୍ ସଂସ୍କୃତିକେ ତହଁକାବାର୍ ଇ ଅଭିଯାନ୍‌ର ମୁଖିଆ ଲକ୍ଷ୍ୟ ଆଏ ।

ଦୌଡ଼କୁଦ ପ୍ରତିଯୋଗିତା ଆର୍‌ଏନ୍‌ୟୁ/ ସମ୍ବଲପୁର

ଭୁବ୍‌ନେଶ୍ୱର୍ କଳିଙ୍ଗ ଷ୍ଟାଡ଼ିୟମ୍ ନ ଚାଲିଥିବା ୪୦ ନମ୍ବର୍ ଜାତୀୟ କନିଷ୍ଠ ଦୌଡ଼କୁଦ ପ୍ରତିଯୋଗିତାର୍ ୩ ନମ୍ବର୍ ଦିନେ ଗଲାକାଏଲ୍ ଓଡ଼ିଶାର୍ କୁନି ରାଜଗୋଣ୍ଡା ବାଳିକା ଜାଭ୍‌ଲିନ୍ ଥ୍ରୋ ବର୍ଗ୍‌ଥି ରୌପ୍ୟ ପଦକ୍ ଜିତିଛନ୍ । ୩୭ ଦଶ୍‌ମିକ୍ ୫/୫ ମିଟର୍ ଦୁରିଆକେ ଫିଙ୍କିକରି କୁନି ୨ ନମ୍ବର୍ ଠାନେ ରହିଥିଲେ ।

ପାଣିପାଗ ଆର୍‌ଏନ୍‌ୟୁ/ ସମ୍ବଲପୁର

ଆଏଜ୍‌ଠାନୁ ରାଏଜେ ମୌସୁମୀ ଫିର୍‌ବାର୍ ପ୍ରକ୍ରିୟା ମୁଲ୍ ହେବା । ଓଡ଼ିଶା ସହେତେ ପଶ୍ଚିମବଙ୍ଗ୍ ଆଉ ତେଲେଙ୍ଗାନାର୍ କିଛିଟା ଇଲାକା ନୁ ମୌସୁମୀ ଫିରିପାରେ ବଲି ଭୁବ୍‌ନେଶ୍ୱର୍ ଆଂଚଲିକ୍ ପାଣିପାଗ୍ ବିଜ୍ଞାନ୍ କେନ୍ଦ୍ର ତର୍‌ଫୁ ଅନୁମାନ୍ କରାଯାଇଛେ । ଗଲା ୧୬ ବଛର୍ ଉତ୍‌ରୁ ଇ ବଛର ମେ ମାସ୍ ଶେଷ୍‌ତକ୍ ମୌସୁମୀ ଓଡ଼ିଶାକେ ଛୁଇଁଥିଲା । ସେଆଡ଼େ ଦକ୍ଷିଣ ବାଂଲାଦେଶ୍ ଆଉ ତାର୍ ପାଖର୍ ଉତର୍ ବଙ୍ଗୋପ୍‌ସାଗର୍ ଉପ୍‌ରେ ଗୁଟେ ଘୂର୍ଣ୍ଣିବଳୟ ସକ୍ରିୟ ରହିଛେ । ଇତାର୍ ପ୍ରଭାବ୍‌ଥି ଆଏବା ୨୪ ଘଂଟା ଭିତ୍‌ରେ ରାଜ୍ୟର୍ ଦକ୍ଷିଣ ଭାଗ୍ ଆଉ ସମୁଦ୍ର ଖଁଡ଼ି ଇଲାକାର୍ କେତେଟା ଜାଗା ନ ଘଡ଼୍‌ଘଡ଼ି ସହେତେ ହାଲ୍‌କା ବର୍ଷା ହେଇପାରେ ବଲି ପାଣିପାଗ୍ କେନ୍ଦ୍ର ଅନୁମାନ୍ କରିଛେ ।